# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

Ph 06728-222001(O) 222330(R) Fax -222087
E-mail: dm-jajpu@nic.in. Web site: www.jajpur.nic.in

(ରାଜସ୍ୱ ବିଭାଗ)

ବିଜ୍ଞାପନ ସଂଖ୍ୟା ...୩୭୩୪.../ତା...୧୪.୧୦.୨୦୧୯...

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଭାରତ ସରକାରଙ୍କ ପତ୍ର ସଂଖ୍ୟା-୧୧୦୧୧/୨୬/୨୦୧୮-IA-II (M),ତା ୨୨-୦୫-୨୦୧୮ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା-27689/R&DM, ତା 27.07.2018 ନିର୍ଦ୍ଦେଶ ଅନୁଯାୟୀ ଯାଜପୁର ଜିଲ୍ଲାର ୧୦ ଗୋଟି ତହସିଲ ଅଧିନସ୍ଥ ୮୩ ଗୋଟି ବାଲି ଲଘୁ ଖଣିଜ ଉତ୍ସଗୁଡିକର ଡିସଟ୍ରିକ୍ଟ ସର୍ଭେ ରିପୋର୍ଟ (DSR) ପ୍ରସ୍ତୁତ କରାଯାଇଅଛି ।

ସେହିପରି ଯାଜପୁର,ଧର୍ମଶାଳା, ଦର୍ପଣ ଓ ସୁକିନ୍ଦା ତହସିଲ ଅଧିନସ୍ଥ ୧୦୪ ଗୋଟି କଳା ପଥର, ମୋରମ, ବୋଲଡର ଓ ୦୨ ଗୋଟି ଇଟାଭାଟି ମାଟି ଉତ୍ସଗୁଡିକର ଡିସଟ୍ରିକ୍ଟ ସର୍ଭେ ରିପୋର୍ଟ (DSR) ପ୍ରସ୍ତୁତ କରାଯାଇ ଜିଲ୍ଲା ୱେବସାଇଟ www.jajpur.nic.in ରେ ସ୍ଥାନିତ କରାଯାଇଅଛି । ଯଦି କୌଣସି ବ୍ୟକ୍ତିବିଶେଷଙ୍କର ଉପରୋକ୍ତ ଲଘୁ ଖଣିଜ ଉତ୍ସଗୁଡିକ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ରହିଥାଏ, ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୨୧ ଦିନ ମଧ୍ୟରେ ସରକାରୀ କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତଭାବେ ଜଣାଇପାରିବେ ।

ଉକ୍ତ ଦିବସ ମଧ୍ୟରେ ହସ୍ତଗତ ହୋଇଥିବା ଆପତ୍ତି ଅଭିଯୋଗଗୁଡିକର ଜିଲ୍ଲା ସ୍ତରରେ ଗଠିତ ହୋଇଥିବା କମିଟି ଦ୍ୱାରା ବିଚାର କରାଯାଇ ଚୁଡାନ୍ତ ଡିସଟ୍ରିକ୍ଟ ସର୍ଭେ ରିପୋର୍ଟ (DSR) ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଅନୁମୋଦିତ କରାଯିବ । ଧାର୍ଯ୍ୟ ସମୟସୀମା ପରେ ଉପରୋକ୍ତ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା- ୩୭୩୫ /ତା ୧୪.୧୦.୨୦୧୯

ଏହାର ଏକକିତା ନକଲ ସମସ୍ତ ତହସିଲଦାରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଯଦି ଡିସଟ୍ରିକ୍ଟ ସର୍ଭେ ରିପୋର୍ଟ (DSR) କୌଣସି ତ୍ରୁଟି ପରିଲିଖିତ ହୁଏ, ଧାର୍ଯ୍ୟ ସମୟସୀମା ମଧ୍ୟରେ ସଂଶୋଧନ ପ୍ରସ୍ତାବ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦାଖଲ କରିବାକୁ ଜଣାଇ ଦିଆଗଲା ।

ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା- ୩୬୩୨ /ତା ୧୪.୧୦.୨୦୧୫

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା- ୩୬୩୩ /ତା ୧୪.୧୦.୨୦୧୫

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ଜିଲ୍ଲାପାଳ, ଯାଜପୁର